## ବିଦ୍ୟୁତ ସଂସ୍ପର୍ଶରେ ବଳଦ ମୃତ

ରାମଗିରି,(ବୃନ୍ଦାବନ ଗୌଡ଼): ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ମାଁ କୁରେଇଶୁଣୀ ମନ୍ଦିର ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସଯିବାରୁ ଦୁଇ ବଳଦ ମଧରୁ ଗୋଟିଏର ମୃତ୍ୟୁ ଘଟିଛି। ରାମଗିରି ତଳସାହି ନିବାସୀ ରାମ ମାଝୀଙ୍କ ବଳଦ ନଦୀ କୂଳକୁ ଯାଇ ଚରୁଥିବା ବେଳେ ସେଠାରେ ଗୋଟିଏ ବଳଦ ବିଦ୍ୟୁତ ପୋଲର ତାର ସଂସ୍ପର୍ଶରେ ଦୁଇଟି ବଳଦ ଆସିଯାଇଥିଲେ। ସେଥିମଧରୁ ଗୋଟିଏର ସେଠାରେ ମୃତ୍ୟୁ ହୋଇଛି ଏବଂ ଅନ୍ୟ ବଳଦଟିର ଅବସ୍ଥା ଗୁରୁତର ଥିବାରୁ ସ୍ଥାନୀୟ ଯୁବକ ମାନେ ପଶୁ ଡାକ୍ତରଙ୍କ ସହ ଯୋଗାଯୋଗ କରି ସାଲାଇନ ଏବଂ ଇଞ୍ଜେକ୍ସନ ଦେଇ ଚିକିତ୍ସା କରିଥିଲେ। ଗୋଟିଏ ବଳଦ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

**ସଂକ୍ଷେପରେ**

## ମରଣାନ୍ତକ ଆକ୍ରମଣ ମାମଲାରେ ଯୁବକ ଗିରଫ

ଗୋପାଳପୁର,୬।୯ (ନବୀନ ରାଜ ଆଚାରୀ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବୁଧବାର ଗୋଳନ୍ଥରା ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସଦର ଥାନା ଅଧିନସ୍ଥ କୁଆଁରପୁର ଗ୍ରାମର ଅଜୟ ପ୍ରଧାନ। ସୂଚନା ଅନୁସାରେ, ଅଜୟଙ୍କ ସହିତ ଗୋଳନ୍ଥରା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଏସ. ଶିବ ରାଓ ପୂର୍ବ ଶତ୍ରୁତା ରହିଛି। ମଙ୍ଗଳବାର ସନ୍ଧ୍ୟାରେ ଅଜୟ ଫୋନରେ ଶିବ ରାଓଙ୍କୁ କୌଣସି କଥା ନେଇ ଗାଳି ଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ପୁଣି ବୁଧବାର ସକାଳେ ଅଜୟଙ୍କ ସହ ସେହି ଗ୍ରାମର ତିନି ଜଣ ଶିବ ରାଓ ଘରକୁ ଯାଇ ତାଙ୍କୁ ଆକ୍ରମଣ କରିଥିଲେ। ଶିବ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ ଚଡାଉ କରି ଅଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଥାନା ଅଧିକାରୀଙ୍କ ଯୋଗଦାନ

ଜଗନ୍ନାଥପ୍ରସାଦ,୬।୯(ବିଭୁ ପ୍ରସାଦ ପଟ୍ଟନାୟକ): ଜଗନ୍ନାଥପ୍ରସାଦ ଥାନାରେ ନୂତନ ଅଧିକାରୀ ଭାବେ ଅରୁଣ କୁମାର ସିଂ ଯୋଗଦେଇଛନ୍ତି। କାର୍ଯ୍ୟରତ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ସଭାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା ସଭାପତିତ୍ୱ କରିଥିବା ବେଳେ ଭଞ୍ଜନଗର ଏସଡିପିଓ ବିଶ୍ୱାମିତ୍ର ହରପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଡ଼ିଓ ଅନୁପ ପଣ୍ଡା, ଡାକ୍ତର ଦାସ କିରଣ କୁମାର, ଅଶୋକ କୁମାର ସାବତ, ବୁଗୁଡ଼ା ଥାନା ଅଧିକାରୀ ଶର୍ମିଷ୍ଠା ପ୍ରଧାନ, ବେଲଗୁଣ୍ଠା ଥାନା ଅଧିକାରୀ ବନମାଳୀ ପ୍ରଧାନ ଓ ତାରାସିଂଙ୍ଗ ଥାନା ଅଧିକାରୀ ଭାଗିରଥି ନାୟକ ଯୋଗଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭା ସବିନ୍ସପେକ୍ଟର ପ୍ରଭାତ କୁମାର ସୁବୁଦ୍ଧି ପରିଚାଳନା କରିଥିବା ବେଳେ ମହିଳା ଏଏସଆଇ ପ୍ରଭାତୀ ବେହେରା, ପ୍ରିୟ ରଞ୍ଜନ ମିଶ୍ର, ବିଏନ ପ୍ରଧାନ, ରଞ୍ଜନ କୁମାର ଆଚାର୍ଯ୍ୟ, ହାବିଲଦାର ଜି ଆପେୟା ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି ଚନ୍ଦ୍ରକେତୁ ରାଉତ, ବିଭୁ ପ୍ରସାଦ ପଟ୍ଟନାୟକ, ଭାସ୍କର ନାୟକ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଛାତରୁ ଖସି ରାଜମିସ୍ତ୍ରି ଗୁରୁତର

ଦିଗପହଣ୍ଡି,୬।୯(ଅଶେଷ ନାଥ ମିଶ୍ର) ଦିଗପହଣ୍ଡିରେ ଥିବା ଏକ ଘରୋଇ ବିଦ୍ୟାଳୟର ନିର୍ମାଣାଧୀନ ଛାତରୁ ଖସି ବୁଧବାର ଜଣେ ମିସ୍ତ୍ରୀ ଗୁରୁତର ହୋଇଛନ୍ତି।ସେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଜାମିର ଶେଖ (୩୦)। ଜାମିର ଛାତ ଉପରେ କାମ କରୁଥିବା ବେଳେ ଅସାବଧାନତା କାରଣରୁ ତଳକୁ ଖସି ପଡିଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିବା ପରେ ଘରକୁ ଫେରିଥିବା ଜଣାପଡିଛି।

# ଫୁଲବାଣୀରେ ବଢୁଛି ବେଆଇନ ବାଲି ଚାଲାଣ

ଫୁଲବାଣୀ, ୬।୯(ରାକେଶ କୁମାର ରାଉତ)- ଫୁଲବାଣୀ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବେଆଇନ ବାଲି ଚାଲାଣ ବୃଦ୍ଧି ପାଉଛି। ଦିନକୁ ଶହ ଶହ ସଂଖ୍ୟାରେ ଟ୍ରାକ୍ଟର ନଦୀରୁ ବାଲି ଉଠାଇ ଚୋରା ଚାଲାଣ କରୁଛନ୍ତି। ତହସିଲ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ଗୋଚରରେ ଏଭଳି କାର୍ଯ୍ୟ ହେଉଛି । ବାଲି ମାଫିଆମାନେ ମାଲେମାଲ ହେଉଥିବା ବେଳେ ଘାଟ ପାଖରେ ଚଢ଼ାଉ କରା ଯାଉ ନ ଥିବାରୁ ବ୍ୟାପକ ଭାବେ ରାଜସ୍ୱ ହାନୀ ହେଉଛି।

ଫୁଲବାଣୀ ସହର ଦେଇ ସାଲୁଙ୍କି ନଦୀ ପ୍ରବାହିତ ହେଉଛି। ସାଲୁଙ୍କି ନଦୀର ବିଭିନ୍ନ ଘାଟରୁ ଶହ ଶହ ଟ୍ରିପ ବାଲି ବିଭିନ୍ନ ସ୍ଥାନକୁ ଚୋରାରେ ଚାଲାଣ ହେଉଛି। ଫୁଲବାଣୀ ବ୍ଲକ ଅଧୀନ ଗୁଗୁଡା ପଂଚାୟତ ଡାହାପଦର, ହାତୀଗୋବା ପାଖ ତଥା ବିଶିପଡା ପଂଚାୟତ କୁମୁରିଗୁଡା ଘାଟରୁ ବ୍ୟାପକ ମାତ୍ରାରେ ଚୋରାରେ ବାଲି ଉଠାଣ ହେଉଛି। ଫଳରେ ବିଶିପଡା ପୋଲଠାରୁ ଡାହାପଦର, ହାତୀଗୋବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଇଡ଼ା ଦେଇ ଜାତୀୟ ରାଜପଥ ୧୫୭କୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେବା ସହ କାଦୁଅ ଏବଂ ଖାଲ ଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାର ଉନ୍ନତିକରଣ ପାଇଁ ପ୍ରତି ବର୍ଷ ପଞ୍ଚାୟତି ରାଜ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି। ହେଲେ ତାହା କିଛି କାମରେ ଆସୁନାହିଁ ବ୍ୟାପକ ଭାବେ ବାଲି ଚାଲାଣ ଯୋଗୁ ରାସ୍ତାରେ ଖର୍ଚ୍ଚ ହେଉଥିବା ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଛି।

ଏ ସଂକ୍ରାନ୍ତରେ ତହସିଲଦାର ଦୀନମଣୀ ନାୟକଙ୍କୁ ପଚାରିବାରୁ ଏହି ଘାଟର ନିଲାମ ହୋଇଛି । ନିଲାମ ପୂର୍ବରୁ ଘାଟ ପରିବେଶ ମଞ୍ଜୁରୀ ମୋ ନାମରେ ଥିଲା । ନିଲାମ ପରେ ନିଲାମଧାରୀଙ୍କ ନାମରେ ପରିବେଶ ମଞ୍ଜୁରୀ କରାଗଲା । ଏହାର ଅବଧି ସରି ଯାଇଛି। ନିଲାମଧାରୀ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିଛନ୍ତି। ଏହାର ସୁଯୋଗରେ ବେଆଇନ ବାଲି ଚାଲାଣ ହେଉଛି। ଆଗାମୀ ଦିନରେ ଚଢ଼ାଉ କରାଯିବ ବୋଲି କହିଛନ୍ତି।



ନଦୀରୁ ବେଆଇନ ଭାବେ ବାଲି ଉଠୁଛି।

## ଜୁଏଲେରୀ ଦୋକାନ ମାଲିକଙ୍କୁ ହାଣି ଲୁଟ ଘଟଣା
# ୯ ଦିନ ପରେ ବି ପୋଲିସ ହାତ ଖାଲି

ବାଲିଗୁଡ଼ା,୬।୯(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡ଼ା ସହର ମଧ୍ୟ ଭାଗରେ ଥିବା ପାଟଖଣ୍ଡା ଜୁଏଲାରୀ ଦୋକାନରେ ପଶି ଖଣ୍ଡାରେ ମାଲିକଙ୍କୁ ହାଣି ସୁନା ଅଳଙ୍କାର ଲୁଟ ଘଟଣାକୁ ୯ ଦିନ ବିତିଯାଇ ଥିଲେ ହେଁ ପୋଲିସ କାହାକୁ ଗିରଫ କରିପାରିନାହିଁ। ଡକାୟତି ଗ୍ୟାଙ୍ଗକୁ ଧରିବା ପାଇଁ ଏସପି ଶୁଭେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ପ୍ରଥମେ ୫ଟି ଟିମ ଓ ପରେ ଆଉ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିବା ବାଲିଗୁଡ଼ା ଏସଡିପିଓ ଯସ ପ୍ରିତମ ଶ୍ରୀମଲ କହିଥିଲେ। କିନ୍ତୁ ଘଟଣାକୁ ବୁଧବାର ୯ ଦିନ ବିତିଥିବା ବେଳେ ପୋଲିସ ଏ ନେଇ କୌଣସି ସୂଚନା ଦେଉନଥିବାରୁ ଲୋକେ ପୋଲିସର ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି କରୁଛନ୍ତି।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଦିନ ସାଢ଼େ ୧୦ଟା ସମୟରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ପାଟଖଣ୍ଡା ଜୁଏଲାରୀ ଦୋକାନରେ ପଶି ମାଲିକ ସୁବାସ ଚନ୍ଦ୍ର ଆଚାରିଙ୍କୁ ଆକ୍ରମଣ କରି ସୁନା ରୁପା ଅଳଙ୍କାର ବ୍ୟାଗକୁ ଛଡ଼ାଇ ନେଇଥିଲେ।

## ସୂର୍ଯ୍ୟ ପାତ୍ରଙ୍କ ବିୟୋଗରେ ଶୋକସଭା

ହାତୀଓଟ,୬।୯(ରଞ୍ଜୟ ପାଣିଗ୍ରାହୀ ) ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ପୋଲସରା ବିଜେଡି ପକ୍ଷରୁ ମାତୃଶକ୍ତି କଲ୍ୟାଣ ମଣ୍ଡପରେ ଏକ ଶୋକ ସଭା ଆୟୋଜନ ହୋଇଥିଲା। ପୂର୍ବତନ ବାଚସ୍ପତିଙ୍କ ବିୟୋଗରେ ବିଧାୟକ ଶ୍ରୀକାନ୍ତ ସାହୁ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହା ପରେ ଦଳର କର୍ମୀମାନେ ସ୍ୱର୍ଗତ ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ପୋଲସରା ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ନଗରପାଳିକା ସଙ୍ଗୀତା ବେହେରା, ବ୍ଲକ ଅଧକ୍ଷା କଳ୍ପନା କୁମାରୀ ପ୍ରଧାନ, ନଗର ଉପାଧକ୍ଷ ସନ୍ତୋଷ କୁମାର ବେହେରା, ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ବିଷୋୟୀ, ପ୍ରତିନିଧି ଘନଶ୍ୟାମ ଦାସ, ନଗର ବିଜେଡି ସଭାନେତ୍ରୀ କନକ ରାଉତ, ଜିଲା ବିଜେଡି ଉପସଭାନେତ୍ରୀ କବିତା ସାହୁ, ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ୨ ମାଂସ ବ୍ୟବସାୟୀଙ୍କୁ ଅପହରଣକରି ୧୦ ଗିରଫ

କୋଟଗଡ,୬।୯(ସରୋଜ ବଳିୟାରସିଂ) ବାଲିଗୁଡ଼ା ବସଷ୍ଟାଣ୍ଡ ନିକଟସ୍ଥ ବୁଡାଗୁଡ଼ା ଛକରୁ ଦୁଇଜଣ ମାଂସ ବ୍ୟବସାୟୀଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଅକ୍ଷୟ ପ୍ରଧାନ, ମିଥୁନ ଜେନା, ଗଣେଶ ପରିଡ଼ା, ଲିଙ୍ଗରାଜ ଜେନା, ସୁନିଲ ପାଣ୍ଡି, ଶ୍ରୀତମ ସ୍ୱାଇଁ, ହୀନା ପାଣ୍ଡି, ଜିତୁ ପ୍ରଧାନ, ଜୋଗେନ୍ଦ୍ର ରାଉତ, ଗଣେଶ ସ୍ୱାଇଁ। ଅପହରଣର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଥିବା ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାଲିଗୁଡ଼ା ଏସଡିପିଓ ଯସ ପ୍ରତାପ ଶ୍ରୀମଲ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ବୁଡାଗୁଡ଼ା ଛକରେ ମାଂସ ବ୍ୟବସାୟୀ ପଣ୍ଡିତ ମାଝୀ ଓ ହେମନ୍ତ ଗଣ୍ଡା ଚା' ପିଉଥିଲେ। ଏହି ସମୟରେ ହଠାତ୍ ଦୁଇଟି କାର୍‌ରେ ଅଭିଯୁକ୍ତମାନେ ଆସି ଜନ ଗହଳି ପୂର୍ଣ୍ଣ ସ୍ଥାନରୁ ମାଂସ ବ୍ୟବସାୟୀଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ପରିବାର ଲୋକେ ବାଲିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଡିପିଓଙ୍କ ନିର୍ଦ୍ଦେଶକ୍ରମେ ୫ ଥାନା ଅଧିକାରୀ ସ୍ୱତନ୍ତ୍ର ଟିମ ଗଠନ କରି ଅଭିଯୁକ୍ତମାନଙ୍କ ପିଛା କରିଥିଲେ। ଅପହରଣରେ ବ୍ୟବହୃତ ହେଉଥିବା ଗୋଟିଏ ବୋଲେରୋକୁ ପ୍ରଥମେ କ.ନୁଆଗାଁ ଥାନା ଅଞ୍ଚଳରୁ ପୋଲିସ ଧରିଥିବା ବେଳେ ଅଧା ରାସ୍ତାରେ କୌଣସି ପ୍ରକାରେ ପଣ୍ଡିତ ଓ ହେମନ୍ତ କାର୍‌ରୁ ଡେଇଁ ପଡ଼ିଥିଲେ। ପିଛା କରୁଥିବା ପୋଲିସ ଉଭୟଙ୍କୁ ଉଦ୍ଧାର କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଧରିଥିଲା। ପରେ ରାଇକିଆ ନିକଟରେ କାର୍ ସହ ୭ଜଣଙ୍କୁ କାବୁ କରିଥିଲା।



ଗିରଫ ଅଭିଯୁକ୍ତମାନେ।

## ଓମ୍ ଶାନ୍ତି ଭବନରେ ୭୨ ଶିକ୍ଷକ ସମ୍ବର୍ଦ୍ଧିତ

ଭଞ୍ଜନଗର, ୬।୯(ବାବୁଲା ପ୍ରଧାନ) ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଞ୍ଜନଗର ଶାଖା ପକ୍ଷରୁ ମଙ୍ଗଳବାର ୭୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଶାଖା ମୁଖ୍ୟ ବ୍ରହ୍ମାକୁମାରୀ ସନ୍ତୋଷିନୀ ଅଧକ୍ଷତା କରି ଭାରତୀୟ ସଂସ୍କୃତି ଏବଂ ଗୁରୁ ଶିଷ୍ୟ ପରମ୍ପରା ଉପରେ କହିଥିଲେ। ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁବାସିନୀ ଦେବୀ, ଅବସରପ୍ରାପ୍ତ ପ୍ରଫେସର କୃତ୍ତିବାସ ବିଶାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମାକୁମାର ବୈକୁଣ୍ଠନାଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବ୍ରହ୍ମାକୁମାରୀ ପ୍ରାପ୍ତି ସ୍ୱାଗତ ଭାଷଣ ଦେଇଥିଲେ। ବ୍ରହ୍ମାକୁମାରୀ ପ୍ରୀତି ଧନ୍ୟବାଦ ପ୍ରଦାନ କରିଥିଲେ।

## କୁର୍ମି କ୍ଷତ୍ରିୟ ଜିଲୁଣ୍ଡି ଅଞ୍ଚଳ ସାଙ୍ଗଠନିକ ବୈଠକ



ଜଣେ ଛାତ୍ରୀଙ୍କୁ ଆଇନଜୀବୀ ରାଜେନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୬।୯(ବାବୁଲା ପ୍ରଧାନ) କୁର୍ମି କ୍ଷତ୍ରିୟ ଜିଲୁଣ୍ଡି ଅଞ୍ଚଳ ସାଙ୍ଗଠନିକ ବୈଠକ ରବିବାର ବାଉଁଶଲୁଣ୍ଡି କୁଳ ଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ନେତାଜୀ ବିଶୋଇ ଅଧକ୍ଷତା କରିଥିଲେ। କୁଳର ଆଇନ ପରାମର୍ଶଦାତା ତଥା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତିର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ। ପ୍ରଦେଶ ସଂସ୍ଥାର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଶ୍ୱନାଥ ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ଭବାନୀ ଶଙ୍କର ପ୍ରଧାନ, କର୍ମକର୍ତ୍ତା ହାଡୁବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ମନୋଜ ପ୍ରଧାନ, ସହ ସମ୍ପାଦକ ବୈଦ୍ୟନାଥ ପ୍ରଧାନ, ସଂଗଠନ ସମ୍ପାଦକ ଦିବାକର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରାଉତ ବିବରଣୀ ପଠନ କରିଥିଲେ। ଏହି ଅବସରରେ କୁଳର ମେଧାବୀ ଛାତ୍ରୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଞ୍ଚଳର ବିଭିନ୍ନ ପଦବୀ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା।

# ୨ ଦିବ୍ୟାଙ୍ଗ ବାନ୍ଧବୀଙ୍କୁ ଆଜୀବନ ସହାୟତା ପ୍ରଦାନ ପ୍ରତିଶ୍ରୁତି

ବେଲଗୁଣ୍ଠା,୬।୯(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଦୁଇ ଦିବ୍ୟାଙ୍ଗ ବାନ୍ଧବୀଙ୍କୁ ଆଜୀବନ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଅନ୍ୟାନ୍ୟ ସାହାଯ୍ୟ ନିମନ୍ତେ ସରକାରଙ୍କ ନିକଟରେ ଗୁହାରି କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଯୁବ ଇଞ୍ଜିନିୟର ତଥା ସୋରଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସଂଗ୍ରାମ କେଶରୀ ମହାନ୍ତି। ସୂଚନା ପ୍ରକାରେ, ବେଲଗୁଣ୍ଠା ବ୍ଲକ ଖଇରପୁଟି ପଞ୍ଚାୟତ ଅନ୍ତର୍ଗତ ଇନ୍ଦନପୁର ଗ୍ରାମରେ ଗତ ୨୦୧୭ ରୁ ଏକାଠି ରହି ଆସୁଛନ୍ତି ଦୁଇ ଦିବ୍ୟାଙ୍ଗ ବାନ୍ଧବୀ ସୁଲୋଚନା ଜେନା (୪୩) ଏବଂ ସାଧବାଣୀ ସାହୁ (୩୫)। ଉଭୟ ଦୃଷ୍ଟିହୀନ। ସୁଲୋଚନାଙ୍କ ଘର ଇନ୍ଦନପୁରରେ ହୋଇଥିବା ବେଳେ ସାଧବାଣୀଙ୍କ ଘର ପାତ୍ରପୁର ବ୍ଲକ୍ ନୂଆଁପେଣ୍ଠ ଗ୍ରାମରେ। ସାଧବାଣୀ ଶିକ୍ଷକ ତାଲିମ୍ ସମାପ୍ତ କରିଛନ୍ତି। ସାଧବାଣୀଙ୍କ ମାଆ ଚାଲିଯିବା ପରେ ସୁଲୋଚନା ଦୁଃଖରେ ଭାଙ୍ଗି ପଡ଼ିଥିବା ସାଧବାଣୀଙ୍କୁ ଆଣି ନିଜ ପାଖରେ ରଖିଛନ୍ତି। ଉଭୟେ ସରକାରଙ୍କ ନିକଟରୁ ୫ କିଲୋ ଚାଉଳ ଏବଂ ୭୦୦ ଟଙ୍କା ଭତ୍ତା ଛଡ଼ା ଆଉ କିଛି ପାଉନାହାନ୍ତି। ଏ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ବିଧାୟକ ପ୍ରାର୍ଥୀ ମହାନ୍ତି ବୁଧବାର ଇନ୍ଦନପୁରରେ ପହଞ୍ଚି ସେହିମାନଙ୍କ ସହିତ ଆଲୋଚନା କରିଥିଲେ। ଉଭୟଙ୍କୁ ୧୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହିତ ଆଜୀବନ ଉଭୟଙ୍କୁ ପ୍ରତିମାସରେ ସହୟତା ରାଶି ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି କରିଥିଲେ। ସାଧବାଣୀଙ୍କୁ ଶୀଘ୍ର ସରକାରୀ ଶିକ୍ଷକ ଚାକିରି ଯୋଗାଇଦେବା ଏବଂ ଉଭୟଙ୍କ ପାଇଁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ଏବଂ ସରକାରଙ୍କୁ ଗୁହାରି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୋରଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜଗନ୍ନାଥ ନାୟକ, ସାମାଜିକ କର୍ମୀ ଗତିକୃଷ୍ଣ ବିଷୋୟୀ, ପ୍ରମୋଦ ଭୂୟାଁ ଓରଫ ଡିଲ, ନିଶାମଣି ସ୍ୱାଇଁ, ଚନ୍ଦ୍ରମଣୀ ଭୂୟାଁ, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ଯୁବ ଇଞ୍ଜିନିୟର।

## ଅକ୍ଷୟ ପ୍ରଧାନ ବିଜେଡି ଜିଲା ଯୁବ ଉପସଭାପତି

ଗଞ୍ଜାମ,୬।୯(ବିଦ୍ୟାଧର ସାହୁ) ବିଜେଡି ଯୁବ ଉପସଭାପତି ଭାବେ ଅକ୍ଷୟ ପ୍ରଧାନ ମନୋନୀତ ହୋଇଥିବା ବୁଧବାର ବିଜେଡି ପକ୍ଷରୁ ଘୋଷଣା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଏବଂ ଦଳ ପାଇଁ ଜଣେ ଶୃଙ୍ଖଳିତ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ କାମ କରିଆସିଛନ୍ତି। ବିଭିନ୍ନ ସମୟରେ ଦଳର କାର୍ଯ୍ୟକ୍ରମ ସେ ସୁଚାରୁ ରୂପେ ସମ୍ପାଦନ ମଧ୍ୟ କରିଛନ୍ତି। ଯୁବ ଉପସଭାପତି ପାଇବା ପରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର, ବିଜେଡି ଜିଲା ଯୁବ ସଭାପତି ଭବାନୀ କାନ୍ତ ସାହୁଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଯୁବ ସଙ୍ଗଠନ ସୁଦୃଢ଼ କରିବା କାର୍ଯ୍ୟ ଜାରୀ ରହିବ ବୋଲି ନବ ନିଯୁକ୍ତ ଜିଲା ଯୁବ ଉପସଭାପତି ଅକ୍ଷୟ ନିଜ ପ୍ରତିକ୍ରିୟାରେ କହିଛନ୍ତି।



## ଚିରିକିପଡ଼ା ଶାସନରେ ତାଲିମ ଶିବିର

ହାତୀଓଟ/ପୋଲସରା,୬।୯ (ରଞ୍ଜୟ ପାଣିଗ୍ରାହୀ/ସୁବ୍ରତ ବେହେରା) ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡା ଶାସନ ପଞ୍ଚାୟତ ସଭାଗୃହ ପରିସରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଅନୁଷ୍ଠାନ ଆଙ୍କୁଲି ଗଞ୍ଜାମ ପକ୍ଷରୁ ଏକ ୧୨ ଦିନିଆ ତାଲିମ ଶିବିର ସରକାରୀ ଛୁଟିଦିନଗୁଡ଼ିକୁ ବାଦଦେଇ ସେପ୍ଟେମ୍ବର ୫ ତାରିଖଠାରୁ ୨୨ ତାରିଖ ଯାଏ ଅନୁଷ୍ଠିତ ହେବ। ଏହି ତାଲିମ ଶିବିର ବୁଗୁଡା ଓ ପୋଲସରା ଦାୟିତ୍ୱରେ ଥିବା ଶିଳ୍ପ ପରିଚାଳନା ଅଧିକାରିଣୀ ପୁଷ୍ପାପ୍ରିୟା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ସେପ୍ଟେମ୍ବର ୫ ତାରିଖ ପ୍ରଥମ ଦିବସର କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭଗବାନ ସାହୁ ଓ ସମିତିସଭ୍ୟ ରଞ୍ଜନ କୁମାର ସାହୁ ଯୋଗଦେଇଥିଲେ। ପ୍ରଥମ ଦିବସରେ ଶିଳ୍ପ ତାଲିମଦାତା ଭାବେ ବୁଗୁଡା ବ୍ଲକ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଦିଲୀପ କୁମାର ଆଚାର୍ଯ୍ୟ ଓ ଖଲ୍ଲିକୋଟ ଆର୍‌ସିଏମ୍ କଲେଜ ଅଧ୍ୟାପକ ରମେଶ ରଥ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବୁଗୁଡା ଓ ପୋଲସରା ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଓ ବୟସ୍କ ତାଲିମ ନେଇଥିଲେ। ସେହିପରି ବୁଧବାର ଆଇନ ପରାମର୍ଶଦାତା ମାନସ ରଞ୍ଜନ ଦାଶ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ ସଚେତନତା ସୃଷ୍ଟି କରି ଋଣ ନେବା ଆଗରୁ କ'ଣ ସବୁ ଆବଶ୍ୟକତା ରହିଛି ତାହା ପ୍ରାଞ୍ଜଳ ଭାବେ ବୁଝାଇଥିଲେ।

# ଜନ୍ମାଷ୍ଟମୀ ପାଳନ ଅବସରରେ ଶିଶୁମାନଙ୍କ ବିଭିନ୍ନ ବେଶ



ଆସିକା



ବୁଗୁଡା



ରମ୍ଭା



ପାରଳାଖେମୁଣ୍ଡି



ମୋହନା



ଜି.ଉଦୟଗିରି



ଛତ୍ରପୁର



ଦାରିଙ୍ଗବାଡି



ସୋରଡା



ରାଇକିଆ

